
# ପିଲାଙ୍କ କଥା
# (ଭୁଂଜିଆ)
## ଦ୍ୱିତୀୟ ଭାଗ



# ପିଲାଙ୍କ କଥା (ଭୁଂଜିଆ)

## ଦ୍ୱିତୀୟ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ
ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**


ନିର୍ଦ୍ଦେଶକ
ପ୍ରଫେସର ଅଖିଳ ବିହାରୀ ଓତା

ପ୍ରସ୍ତୁତି
ଭୁଂଜିଆ ସଂସାଧକ ମଣ୍ଡଳୀ
ଶ୍ରୀ ବୀର ଜଗତ
ଶ୍ରୀ ଟୁନାସିଂ ଛତ୍ରିଆ
ଶ୍ରୀ କୋକିଳ ନାୟକ

ସଂଯୋଜନା
ଡ଼ଃ ପରମାନନ୍ଦ ପଟେଲ

ଅଳଙ୍କରଣ
ପ୍ରିୟରଞ୍ଜନ ବରାଳ



ପ୍ରକାଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



Director :
**Prof. (Dr.) A.B. Ota**

Prepared by :
**Bhunjia Resource Group**
**Sri Bira Jagat**
**Sri Tunasingh Chhatria**
**Sri Kokila Nayak**

Co-ordinator :
**Dr. Paramananda Patel**

Illustration :
**Priyaranjan Baral**



Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିଚାରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୂର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପଢ଼ଳିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ ଭୁଂଜିଆ ଭାଷାର ଦ୍ୱିତୀୟ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକରେ ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# ତୁମ୍ବା ଆଉ ଘୋଡ଼ାଚୋ ଗୋଏଟ୍
# (ଲାଉ ତୁମ୍ବା ଓ ଘୋଡ଼ା)

ଗଦାବରୀ ନଏନ୍ଦ ଖଏଣେଁ ବାରାଝାନ୍ ଗଦବା ଭାଇ ରହତ ରହେଲା । ହୁନ୍‌ମାନ ଦିନାଏକ୍ ମାସ ମାରୁକେ ବୁର୍ଯା କେ ଗଲା । ଖେଧା ସେତି ହିଁଡ଼ତହିଁଡତ ବଡ଼କା ଭାଇସକେ ପିଆସ ଲାଏଗ୍‌ଲୋ । ପିଲା ଭାଇସ୍ ତୁମ୍ବାଏଁ ଚାଉର୍ ଚୋ ପସିଆକେ ଗୋଟକ ଠେଙ୍ଗାଏଁ ବାନ୍ଧୁନ ଧରୁନ୍ ରହଏ । ବଡ଼କା ଭାଇସ୍‌କେ ବଡ଼ାଏ ପିଆସ୍ ଲାଗତ୍ ରହଏ । ହୁନ ବସୁନ୍ ଗଲୋ ଆଉ ପସିଆ ଇତିକ୍ କେ ପିଇଲୋ । ଆଉର୍ ଦଶ ଭାଇ ହୁନ୍ ମାନ୍‌କେ ଛାଡୁନ୍ ପଏଲ୍‌ଲା । ହୁନମାନ ଗୋଟ୍‌କ ସିନ୍ଦ୍ ରୁକ୍ ଲେଘେଁ ଏଲା । ହୁନ ରୁକ୍ ଚୋ ରସକେ ପିଇଲା ।



ଗୋଦାବରୀ ନଈ କୂଳରେ ବାରଜଣ ଗଦବା ଭାଇ ରହୁଥିଲେ । ସେମାନେ ଦିନେ ଶିକାର କରିବାକୁ ବଣକୁ ଗଲେ । ଶିକାର କରିବାକୁ ବୁଲୁ ବୁଲୁ ବଡ଼ଭାଇକୁ ଶୋଷ ଲାଗିଲା । ସାନ ଭାଇ ଲାଉତୁମ୍ବାରେ ଚାଉଳର ପେଜ ଗୋଟିଏ ବାଡ଼ିରେ ବାନ୍ଧି ଧରିଥିଲା । ବଡ଼ଭାଇକୁ ଭାରି ଶୋଷ ଲାଗୁଥିଲା । ସେ ବସି ପଡ଼ିଲା ଓ ପେଜରୁ କିଛି ପିଇଲା । ଅନ୍ୟ ଦଶଭାଇ ଏମାନଙ୍କୁ ଛାଡ଼ି ଚାଲିଗଲେ । ସେମାନେ ଗୋଟିଏ ଖଜୁରୀ ଗଛ ପାଖକୁ ଆସିଲେ । ସେ ଗଛର ରସ ପିଇଲେ ।

ଯୋ ଘଡିକ୍ ଭଗୱାନ୍ ଗୋଟ୍‌କ ଘୋଡା ପଠାଉନ୍ ଦେଲା । ହୁନ୍ ଘୋଡା ପିଲା ଆଉ ବଡ଼କା ଭାଇସ୍ ଲେଘେଁ ପଁହଏଚ୍‌ଲୋ । ବଡ଼୍‌କା ଭାଇସ୍ ଘୋଡାକେ ଧଏର୍‌ଲୋ । ହୁନାଚୋ ଉପରେଁ ଚେଘୁଁକେ ଯାତୋ ଘଡ଼ିକ ରପଏଟଲୋ । ହୁନ୍ ପିଲା ଭାଇସ କେ ତୁମ୍ଭାକେ ଖାଲ୍‌ହେଁ ଥେଉଁକେ ବଇଲ୍‌ଲୋ । ଯୋ ଘୋଡାକେ ବନକ ଥେଉ । ମୁଇଁ ଗୋଟକ୍ ବାଁଶଚୋ ନିଶାନି ଆନୁକେ ଯାତ୍ ଆହେଁ । ହୁନ ମାକ୍‌ଡ଼ିଏଁ ମୁଇଁ ଘୋଡାଚୋ ଉପରେଁ ଚେଗ୍‌ତିଁ । ଏତକ୍ ବଲୁନ୍ ବଡ୍‌କା ଭାଇସ୍ ପଲୁନ୍ ଗୋଲୋ । ହୁନଗୋଲୋ ତାହାଁଲେ ପିଲାଭାଇସ୍ ଘୋଡା ଉପରେଁ ବସୁନ୍ ବଡାଏ ଯୋରେଁ ପଲୁନ୍ ଗଲୋ । ଏକ ଘଡିକ୍‌ଲେଁ ବଡ଼କା ଭାଇସ୍ ଫିଁରଲୋ । ଦେଖିଲୋ ଯୋ, ହନଏଲେର୍ଦ୍ଦେ ଘୋଡ ନିହାଏ କି, ପିଲାଭାଇସ୍ ନିହାଏ ।



ଏତିକିବେଳେ ମହାପ୍ରଭୁ ଗୋଟିଏ ଘୋଡା ପଠାଇଲେ । ଘୋଡାଟି ସାନଭାଇ ଓ ବଡ଼ଭାଇ ପାଖରେ ପହଞ୍ଚିଲା । ବଡ଼ଭାଇ ଘୋଡ଼ାଟିକୁ ଧରିଲା । ତା ଉପରେ ଚଢ଼ିବାକୁ ଯିବାବେଳେ ଘୋଡ଼ା ତାକୁ ଆକ୍ରମଣ କଲା । ସେ ସାନଭାଇକୁ କହିଲା ଲାଉତୁମ୍ବାଟି ତଳେ ରଖନି । ଏ ଘୋଡ଼ାଟିକୁ ସମ୍ଭାଳ । ମୁଁ ଗୋଟିଏ ବାଉଁଶ ସିଡ଼ି ଆଣିବାକୁ ଯାଉଛି । ସେ ସିଡ଼ିରେ ଘୋଡ଼ା ଉପରେ ଚଢ଼ିବି । ଏହା କହି ବଡ଼ଭାଇ ଚାଲିଗଲା । ସେ ଯିବାପରେ ସାନଭାଇ ଘୋଡା ଉପରେ ଚଢ଼ି ଦ୍ରୁତ ଗତିରେ ଚାଲିଗଲା ।

**ହୁନ୍ ତୁମ୍ଭାକେ ନେହୁନ୍ ଘୋଡାଟୋ ଖୋଏଜ୍ ବାଟେଁ ଗୋଲୋ । ଆଉର୍ ଦଶ୍‌ଭାଇ ହୁନାଟୋ ପାଚ୍ ପାଚ୍ ଜୟପୁର୍ ଡୋଙ୍ଗର୍ ବାହୁଁକେ ଗଲା । ପିଲା ଭାଇସ୍ ହାରା ହୁନ୍ ଲେଘେଁ ଆଗଏଁଲେ ପହଁଚୁନ୍ ରହଏ । ହୁନ୍‌ଏ ସେତି ହୁନ୍ ରାଜା ବଏନ୍‌ଲୋ । ବଡ଼୍‌କା ଭାଇସ୍ ଖାନ୍ଧେ କାଓ୍ୱେଡ୍ ବୋହୁନ୍ ପହଁଏଚ୍‌ଲୋ । ଲୋଗ୍‌ମାନ୍ ହୁନାଚ୍‌ଲେ, ଜମାଏ ଗୋଏଟ୍ ଶୁଇନ୍‌ଲା । ହୁନକେ ଭୋଏ ଗଦବା ବଲୁନ୍ ବଏଲ୍‌ଲା । ପିଲାଭାଇସ୍ ଜୟପୁର ରାଜାଟୋ ବେଟିସ୍ କେ ବିହା ହେଲୋ । ହୁନ୍‌ମାନ୍ ବଡ୍‌କା ଭାଇସ୍ ବିହା ହେଉଁକେ ଲେକ୍ୟା ଗୋଟକ୍ ନାହିଁ ଲାହିଁ ।**



କିଛି ସମୟ ପରେ ବଡ଼ଭାଇ ଫେରିଲା । ଦେଖିଲା ସେଠାରେ ଘୋଡ଼ା ନାହିଁ କି ସାନଭାଇ ନାହିଁ । ସେ ଲାଉତୁମ୍ବା ନେଇ ଘୋଡ଼ା ପାଦ ଦେଖା ଯାଉଥିବା ବାଟରେ ଗଲା । ଆଉ ଦଶ ଭାଇ ତା ପଛେ ପଛେ ଜୟପୁର ପାହାଡ଼ ଆଡକୁ ଗଲେ । ସାନଭାଇ ସେ ଯାଗାରେ ଆଗ ପହଞ୍ଚିଥିଲା । ତେଣୁ ସେ ରାଜା ହୋଇଗଲା । ବଡ଼ଭାଇ କାନ୍ଧରେ ଭାର ନେଇ ପହଁଚିଲା । ଲୋକମାନେ ତା'ଠାରୁ ସବୁକଥା ଶୁଣିଲେ । ତାକୁ ଭୋଇ ଗଦବା ବୋଲି ଡାକିଲେ । ସାନଭାଇ ଜୟପୁର ରାଜା ଝିଅକୁ ବିଭା ହେଲା ।

ପିଲା ଭାଇସ୍ ଗଦାବରି ନଏନ୍ଦ୍ ତେଉଁକେ ଲୁକା ଲୁକା ଜାନ୍‌ତୋ ବିତା ମାନକେ ପଠାଏଲୋ । ହୁନଲେଁଘେଁ ହୁନ୍‌ମାନ୍ ତର୍କି ରାକ୍‌ସାଏନ୍ କେ, ଲାହିଲା । ହୁନ୍‌ମାନ ହୁନି ରାକ୍‌ସାଏନ୍ କେ ଧରୁକେ ଖୋଏଜ୍‌ଲା ସକି ନାହିଁ । ଏକ୍ ଘଡ଼ିକେଁ ହୁନାକେ କାହିଁ କରୁନ୍ ଧଏର୍‌ଲା । ହୁନାଚୋ କାନେକାନା କଏରଲା । ହନଏଁ ସେଓ୍ୱାଁଡ଼୍ ଡୋରିଏଁ ବାଏନ୍ଧଲା । ତାହାଁଲେ ରାଜାଲେଘେଁ ଆଏନ୍‌ଲା । ବଡ଼କା ଭାଇସ୍ ହୁନାଚୋ କାନ୍‌ଲେ ସେଓ୍ୱାଁଡ଼୍ ଡୋରିକେ ହିଟାଉନ୍ ସୋନ୍‌ଚୋ ମୁଁଦି ଦେଲୋ । ଏକ୍ ଘଡ଼ିଏଁ ହୁନ୍ ଲେକ୍ ପିଲିହାରି ବୁର୍ଗା ତେଉଁକେ ପଲୁନ୍ ଗଲି । ବଡ୍‌କା ଭାଇସ୍ ହୁନିଚୋ ପାଛେଁ ଗଲୋ ଜମାଏଁ ରହଁସେଁ ରାଏଜ୍ ଭୁଗୁନ୍ ଖାଏଲା ।



ସେମାନେ ବଡ଼ଭାଇ ବିଭା ହେବାକୁ ଝିଅଟିଏ ପାଇଲେନି । ସାନଭାଇ ଗୋଦାବରୀ ନଦୀ ଆଡ଼କୁ ଗୁପ୍ତଚରମାନଙ୍କୁ ପଠାଇଲା । ସେଠାରେ ସେମାନେ ତର୍କି ଅସୁରୁଣୀକୁ ଭେଟିଲେ । ସେମାନେ ତାକୁ ଧରିବାକୁ ଚେଷ୍ଟା କଲେ । ହେଲେ ପାରିଲନି । କିଛି ସମୟ ପରେ ତାକୁ କୌଣସି ଉପାୟରେ ଧରିଲେ । ତା କାନରେ କଣା କଲେ । ସେଥିରେ ଶିଆଳି ଲଟାର ଦଉଡ଼ି ବାନ୍ଧିଲେ । ତା ପରେ ରାଜାଙ୍କ ପାଖକୁ ଆଣିଲେ । ବଡ଼ଭାଇ ତା କାନରୁ ଶିଆଳିଲତା ଖୋଲି ସୁନାର ମୁଦି ଦେଲା । କିଛି ସମୟ ପରେ ଝିଅଟି ବଣ ଆଡ଼କୁ ଚାଲିଗଲା । ବଡ଼ଭାଇ ତା ପଛେ ପଛେ ଗଲା । ସମସ୍ତେ ଖୁସିରେ ରହିଲେ ।


# ମାନ୍ୟୁଷ ଆଉ ଦେଓ (ମଣିଷ ଓ ଦେବତା)

**ଖେପକ୍ ଭଗୱାନ୍ ଲୋଗମାନ୍‌ଚୋ ଉନ୍‌ମତି ଦେଖ୍‌ଲା । ଭଗୱାନ୍ ଲୋଗମାନ୍‌ଚୋ ଉନ୍‌ମତି ଦେଖ୍‌ଲା । ଭଗୱାନ୍ ବିଚାଏର୍‌ଲା ଯଦି ଲୋକମାନ୍ ଇସୋ ଧନ୍‌ୱାନ୍ ହେତା ତିସାଏନ୍ କାହାକେ ଘଲାଏକ୍ ଡର୍‌ଏତ୍ ନାହିଁନେ । ମୁଇଁ ଜିସ୍ କରୁନ୍ ଘଲାଏକ ହୁନ୍‌ମାନ୍‌କେ ମାଏନ୍ କରୁକେ ଶିଖାତିଁ । ହୁନ୍ ଦେଓ ମାନ୍‌କେ ହଁ କ୍‌ରାଏଲା । ଆପଏ ଲେଘେଁଛଏ ମହିନା ରହୁଁକେ ବଏଲଲା । ଦେଓ ମାନ୍‌କେ ବନକ ଖାତୋ ତିଜ୍ ଦେଲା । ଯିସଏ ହୁନ୍‌ମାନ ସୱାଦ ସୱାଦ ଖାଇ ଦୋ ଖାଉଁକେ ଜାନ୍‌ତା ତାହାଁଲେ ହୁନ୍‌ମାନକେ ବଏଲଲା ବୋଣ୍ଡା ଡୋଙ୍ଗରେଁ ସିସା ବଲୁନ୍ ଜନାଏକ୍ ଲୋଗ୍ ଆଛଏତ୍ । ହୁନ୍‌ହାରା ମାଚୋ ସଂଘୱାରି ହୁନ୍ ।**




ଥରେ ମହାପ୍ରଭୁ ଲୋକମାନଙ୍କର ଉନ୍ନତି ଦେଖିଲେ । ମହାପ୍ରଭୁ ଚିନ୍ତା କଲେ ଯଦି ଲୋକମାନେ ଏମିତି ଧନୀ ରହିବେ ତେବେ କାହାକୁ ଭୟ କରିବେନି । ମୁଁ ଯେ କୌଣସି ଉପାୟରେ ତାଙ୍କୁ ଭକ୍ତି କରିବା ଶିଖେଇବି । ସେ ଦେବତା ମାନଙ୍କୁ ଡାକିଲେ । ତାଙ୍କ ପାଖରେ ଛଅମାସ ରହିବାକୁ କହିଲେ । ଦେବତାମାନଙ୍କୁ ଭଲ ଖାଇବା ଜିନିଷ ଦେଲେ । ଯେମିତି ସେମାନେ ସୁସ୍ୱାଦୁ ଖାଦ୍ୟ ଖାଇବା ଜାଣିବେ । ତାପରେ ସେମାନେ କହିଲେ ବଣ୍ଡା ପାହାଡ଼ରେ ସିସା ବୋଲି ଜଣେ ଲୋକ ଅଛନ୍ତି, ସେ ମୋର ବନ୍ଧୁ ।

ତୁହାନ୍ ହୁନାଚୋଲେଘେଁ ଯାହା ହୁନ୍ ତୁହାନ୍କେ ଥେଓତୋଚୋ ବେବସ୍ଥା କର୍ତୋ । ତୁହାନ ଯିସଏ ଖାଉଁକେ ସକ୍ତାଏସ୍ ହୁଁସୟ ଦେତୋ । ଦେଓମାନ୍ ସିସାଚୋ ଲେଙ୍ଗେଁ ଗଲା । ହୁନାକେ ବଏଲ୍ଲା, "ମାହାପର୍ଭୁ ତୁମ୍ଚୋଲେଘେଁ ପଠାଉନ୍ ଆଛଏତ୍" । ଆମ୍ଚୋ ରହତୋ ଆଉ ଖାତୋ ଚୋ ସୁବିଦା କରା" । ସିସା ୟୋ ଗୋଏଠ୍ ଶୁନୁନ୍ ରହଁସ୍ ହେଲା । ହନଏ ଜମାଏକେ ନାଓ ଦେଲା । ପହିଲି ଦେଓକେ ଗୋଟକ୍ ବନକ୍ ଜାଗାକେ ପଠାଏଲା । ଆଉ ଜନାଏକ୍ କେ ସବଝାନ୍ ଚୋ ସଦାରନ୍ ଜାଗାଏଁ ରହୁଁକେ ବଏଲ୍ଲା । ଆଉ ବିତାକେ ଝର୍ଝରା ଲେଘେଁ ରହୁକେ ବଏଲ୍ଲା ।



ତୁମେମାନେ ତାଙ୍କ ପାଖକୁ ଯାଅ ସେ ତୁମକୁ ରଖିବାର ବ୍ୟବସ୍ଥା କରିବେ । ତୁମେ ଯେମିତି ଖାଇବାକୁ ଚାହିଁବ ଦେବେ । ଦେବତାମାନେ ସିସାଙ୍କ ପାଖକୁ ଗଲେ । ତାଙ୍କୁ କହିଲେ, "ମହାପ୍ରଭୁ ଆପଣଙ୍କ ପାଖକୁ ପଠାଇଛନ୍ତି । ଆମ ରହିବା ଆଉ ଖାଇବାର ବ୍ୟବସ୍ଥା କରନ୍ତୁ ?" ସିସା ଏକଥା ଶୁଣି ଖୁସି ହେଲେ । ସେ ସଭିଙ୍କୁ ନାଆଁ ଦେଲା । ପ୍ରଥମ ଦେବତାଙ୍କୁ ଏକ ପବିତ୍ର ଜାଗାକୁ ପଠାଇଲେ । ଆଉ ଜଣକୁ ସର୍ବସାଧାରଣ ଜାଗାରେ ରହିବାକୁ କହିଲେ । ଅନ୍ୟ ଜଣକୁ ଝରଣା ପାଖରେ ରହିବାକୁ କହିଲେ ।

ଜନାଏକ୍ କେ ଡୋଙ୍ଗର୍ ଉପରେଁ ରହୁକେ ଦେଲା । ଜନାଏକ୍ କେ ବୁର୍ଲାଏଁ ରହୁକେ ପଠାଉନ୍ ଦେଲା । ଦୁଇଝାନ ଦେଓ କେ ଆପଁଏଚୋ ଘରେଁ ଥେଓଲା । ଶିଙ୍ଗ ରାଜାକେ ଝର୍‌ଝରା ଲେଘେଁ ଆଉ ସିନ୍ଧି ବୋରା କେ ପଠାଡେଁ ରହୁକେ ବଏଲ୍‌ଲୋ । ସିସା ୟୋମାନଚୋ ଖାତୋଚୋ ବେବସ୍ଥା କଏର୍‌ଲା । ହୁନ ବସ୍ତିବିତାଲେ ବରାର୍ ମାଏଁଗଲା । ହୁନ୍ ବରାର୍ ପଇସାଏଁ ଦେଓମାନ୍‌କେ ବନକ୍ ଖାନା ଖାଉଁକେ ଦେଲା । ଭଗୱାନ୍ (ମହାପର୍‌ଭୁ) ଚୋ ଘରେଁ ଖାତ ରହେଲା ଖାଇଦୋ ଖାଇଲା । ଦେଓମାନ୍ ମାଂସ ଆଉ ଫସଲ ଖାଉଁକେ ଜିଦ୍ କଏର୍‌ଲା । ଲୋକମାନ୍ ହୁନମାନ୍ କେ ଖାଉଁକେ ଦେହୁନ୍ ଭକ୍ତି ସେଘେଁ ପୂଜା କଏର୍‌ଲା ।



ଜଣକୁ ପାହାଡ଼ ଉପରେ ରହିବାକୁ ଦେଲେ । ଆଉ ଜଣକୁ ଜଙ୍ଗଲରେ ରହିବାକୁ ପଠାଇଲେ । ଦୁଇଜଣ ଦେବତାଙ୍କୁ ନିଜ ଘରେ ରଖିଲେ । ଶିଙ୍ଗ ରାଜାଙ୍କୁ ଝରଣା ପାଖରେ ଓ ସିନ୍ଧିବୋରାଙ୍କୁ ପଥର ଚଟାଣରେ ରହିବାକୁ କହିଲେ ।ସିସା ଏମାନଙ୍କ ଖାଇବାର ବ୍ୟବସ୍ଥା କଲେ । ସେ ଗାଁ ଲୋକଙ୍କଠାରୁ ଚାନ୍ଦା ମାଗିଲେ । ସେ ଚାନ୍ଦାରେ ଭଲ ଖାଦ୍ୟ ଦେବତାମାନଙ୍କୁ ଖୁଆଇଲେ । ଧିରେ ଧିରେ ଦେବତାମାନେ ଫଳ ଓ ଚେର ଖାଇବା ଛାଡ଼ିଦେଲେ । ମହାପ୍ରଭୁଙ୍କ ଘରେ ଖାଉଥିବା ଖାଦ୍ୟ ଖାଇଲେ । ଦେବତାମାନେ ମାଂସ ଓ ଶସ୍ୟ ଖାଇବାକୁ ଦାବି କଲେ । ଲୋକମାନେ ସେମାନଙ୍କୁ ଖାଇବାକୁ ଦେଇ ଭକ୍ତିର ସହ ପୂଜା କଲେ ।

# ଧରତୀ ବେଟିସ୍ (ବସୁମତୀ କନ୍ୟା)

ଗୋଟକ୍ ମାହାଜନ୍ ଗଦ୍‌ବା ରହେଲୋ । ହୁନାଚୋ ନାଓ ଅଙ୍ଗ୍‌ରା ରହେଲୋ । ହୁନାଚୋ ବାରାଝାନ୍ ବେଟାଏସ୍ ରହେଲା । ହୁନ୍ ହୁନ୍‌ମାନକେ ବନକ୍ ବନକ୍ ନୋନି ମାନ୍‌ଚୋ ସେଘେଁ ବିହା କରାଉନ୍ ଦେଲୋ । ହୁନ୍ ମଏର୍‌ଲୋ ତାହାଁଲେ ବେଟାଏସ୍‌ମାନ୍ ହୁନାଚୋ କାମ୍ (ପାଏନ୍‌ମିଳା) କଏର୍‌ଲା । ଆଗିଲ୍ ଜିସୋ ଚଲଏତ୍ ହୁସଏ ଚଲୁନ୍ ଏଲା । ହୁନ୍ ଘଡ଼ିକ୍ ହୁଥାଏଁ ପାନି ନାହିଁ ମିଲତ୍ ରହିଁ; ପାନି ଆନୁକେ ଗୋଟକ୍ ପିଲାମୁହାଁ ଝର୍‌ଝରା କେ ଯାତ୍ ରହଏ୍‌ଲା । ଗାଓଁଚୋ ଲୋଗ୍‌ମାନ୍ ଚଉଁରା ନେଙ୍ଗ୍ ଠୁଇଲ୍ ହେଲା । ପାନି ସେତି କୁଇଁ ଗୋଟକ୍ ଖନ୍ ତୋ ଚୋ ଫେସ୍‌ଲା ହେଲୋ । ଯାତୋ ଘଡିକ୍ ଅଙ୍ଗରାଚୋ ମଟ୍ ଲେଙ୍ଗେ କୂଇଁ ଗୋଟକ୍ ଖଏନ୍‌ଲା ।



ଜଣେ ଧନୀ ଗଦବା ଥିଲେ । ତାଙ୍କର ନାମ ଅଙ୍ଗରା ଥିଲା । ତାଙ୍କର ୧୨ଟି ପୁଅ ଥିଲେ । ସେ ସେମାନଙ୍କୁ ଭଲ ଝିଅମାନଙ୍କ ସହିତ ବିବାହ କରିଦେଲେ । ସେ ମରିଯିବାରୁ ପୁଅମାନେ ତାଙ୍କର ଅନ୍ତେଷ୍ଟିକ୍ରିୟା କଲେ । ସବୁଦିନ ଯେପରି ଚଳନ୍ତି ସେମିତି ଚଳିବାକୁ ଲାଗିଲେ । ସେତେବେଳେ ସେଠାରେ ପାଣି ମିଳୁ ନ ଥିଲା, ପାଣି ଆଣିବାକୁ ଛୋଟ ଝରଣାକୁ ଯାଉଥିଲେ । ଗାଁର ଲୋକେ ଚଉତରାରେ ଏକାଠି ହେଲେ । ପାଣି ପାଇଁ କୂଅଟିଏ ଖୋଳିବାକୁ ସ୍ଥିର ହେଲା । ଗଲାବେଳେ ଅଙ୍ଗରାଙ୍କ ସମାଧି ପାଖରେ କୂଅଟିଏ ଖୋଳିଲେ । ସେମାନେ ଆଠ ହାତ ଗଭୀରର ଗାତ କଲେ । ହେଲେ ପାଣି ବାହାରିଲାନି । ଶେଷରେ କଳା ପଥରଟିଏ ବାହାରିଲା ।

ହୁନ୍‌ମାନ୍ ଆଠ୍ ହାତ୍ ଗହିର୍ ଚୋ ଢ଼ୋଡ଼୍‌ଗା ଖାଁଚ ଖଏନ୍‌ଲା । ହେଲେ ବି ପାନି ନିଙ୍ଗି ନାହିଁ । ଆଖିରୀଏଁ ପୋଖିନା ଗୋଟକ୍ ନିଙ୍ଗ୍‌ଲୋ । ହୁନ୍ ପୋଖିନାଚୋ ଖାଲେଁ ଧରତୀ ଚୋ ବେଟିସ୍ ରହତ୍ ରହେଲି । ବାରାଭାଇ ସାତ୍‌ଦିନ ସାତ୍ ରାଏତ୍ ଲେ, ହୁନାକେ ଫଟାଏଲା । ପାଛେ ଗୋଟକ୍ ଭାଇସ୍‌ଚୋ ଶାବଲ୍ ଧରତି ବେଟିସ୍ ଚୋ ପୋଟ୍‌ଲାଏଁ ଫୁଟାଉନ୍ ଦେଲା । ହୁଁ ଥିଲେ ଖୁବଏ ଦେଓ ମାନ୍ ନିଙ୍ଗ୍‌ଲା ଆଉ କୂଇଏଁ ପାନି ଭରୁନ୍ ଗଲୋ । ଦେଓମାନ୍ ତିନ୍‌ଝାନ୍ ଭାଇସ୍ କେ ଧରୁନ୍ ନେଲା । ଆଧାଝାନ୍ କୂଇ ଭିତଲେଁ ବାହିର୍‌କେ ଡେଗଉନ୍ ଦେଲା । ତେବେଲେ ଦେଓମାନ୍ ହୁନ୍‌ମାନ୍‌କେ ଛାଡିଁ ନାହିଁ ।



ସେ ପଥର ତଳେ ବସୁମତୀ କନ୍ୟା ରହୁଥିଲେ । ବାରଭାଇ ସାତଦିନ ସାତରାତି ଧରି ତାକୁ ଭାଙ୍ଗିଲେ । ଶେଷରେ ଜଣେ ଭାଇର ଶାବଳ ବସୁମତୀ କନ୍ୟାର ପେଟରେ ଫୁଟିଗଲା । ସେଥିରୁ ବହୁତ ଦେବତା ବାହାରିଲେ ଓ କୂଅଟି ପାଣିରେ ପୂରିଗଲା । ଦେବତାମାନେ ତିନିଭାଇଙ୍କୁ ଧରିନେଲେ । ଅନ୍ୟମାନେ କୂଅ ଭିତରୁ ବାହାରକୁ ଡେଇଁଗଲେ । ହେଲେ ଦେବତାମାନେ ତାଙ୍କୁ ଛାଡ଼ିଲେ ନାହିଁ । ସେମାନେ ମଣିଷକୁ ଦେଖିଲା ମାତ୍ରେ ବାଘ ପରି ତାଙ୍କୁ ମାଡ଼ି ବସୁଥିଲେ ।

ହୁନ୍‌ମାନ୍ ମାନୁଷ୍ ମାନକେ ଦେଖୁନ୍ ବାଗ୍ ଇସାନ୍ ରପ୍‌ଟଡ୍ ରହଏତ୍ ।ଠାଓ୍ୱେଁଚୋ ଡୋଙ୍ଗରେଁ ଶୁକ୍ର ଗୁରୁ ରହତ୍ ରହଏ । ହୁନ ୟୋ ଗୋଏଟ୍ କେ ଶୁଇନ୍‌ଲା । ହୁନ୍ ବାରାଠାନ୍ ଗାଡିଏଁ କୁକୁଡି ଗାର୍, ଘୁଷୁରା, ଆଉ ନରିଆଏଲ୍ ଧରୁନ୍ ଦେଓ ମାନ୍‌କେ, ଖୋଏଜ୍‌ଲା । ଶୁକ୍ର ଗୁରୁ ଦେଓମାନକେ ଲାହେଲା । ହୁନ୍ ଗାଗାଁ ଗାଗାଁ ହୁନ୍‌ମାନଚୋ ପୁତୁଲି ଗୋଡେଁ ପଡୁନ୍ ବଏଲ୍‌ଲୋ, "ମୁଇଁ ତୁହାନ୍ ଚୋ ସେତି ୟୋ ଖାଇଦୋ ଆନୁନ୍ ଆଛଏଁ । ଏଦାଏଁ ମାନୁଷ୍ ମାନ୍‌କେ ଖାହା ନାହିଁ ।" ଦେଓମାନ୍ ରହଁସ ହେଲା । ଗାଡିଏଁ ରହେଲୋ ଖାଇଦୋ କେ ଖାଏଲା । ଶୁକ୍ର ଗୁରୁ ବଏଲଲୋ, "ଏଦାଁଏ ଗଦବା ମାନ୍ ଇସୋ ଖାଇଦ ଖାଉଁକେ ଦେତା" । ହୁମାନ୍ ତୁମ୍‌ହାନ୍‌କେ ପୂଜା କରତା । ହୁନ ଦିନଲେ ଗଦବା ମାନ୍ ଦେଓ ମାନ୍‌କେ ପୂଜା କରୁଁକେ ମୁଁନ୍ଦଲ୍ କଏର୍‌ଲା ।



ପାଖ ପାହାଡ଼ରେ ଶୁକ୍ର ଗୁରୁ ରହୁଥିଲେ । ସେ ଏକଥା ଶୁଣିଲେ । ସେ ବାରୋଟି ଶଗଡ଼ରେ ଅଣ୍ଡା, ଘୁଷୁରୀ ଓ ନଡ଼ିଆ ଧରି ଦେବତାମାନଙ୍କୁ ଖୋଜିଲେ । ଶୁକ୍ର ଗୁରୁ ଦେବତାମାନଙ୍କୁ ଭେଟିଲେ । ସେ କାନ୍ଦି କାନ୍ଦି ତାଙ୍କ ପାଦ ତଳେ ପଡ଼ି କହିଲେ "ମୁଁ ତୁମମାନଙ୍କ ପାଇଁ ଏ ଖାଦ୍ୟ ଆଣିଛି । ଏବେ ମଣିଷମାନଙ୍କୁ ଖାଅ ନାହିଁ ।" ଦେବତାମାନେ ଖୁସି ହେଲେ । ଶଗଡ଼ରେ ଥିବା ଖାଦ୍ୟ ଖାଇଲେ । ଶୁକ୍ର ଗୁରୁ କହିଲେ "ଏଥର ଗଦ୍‌ବାମାନେ ଏମିତି ଖାଦ୍ୟ ଖାଇବାକୁ ଦେବେ" । ସେମାନେ ତମମାନଙ୍କୁ ପୂଜା କରିବେ । ସେହିଦିନଠାରୁ ଗଦବାମାନେ ଦେବତାମାନଙ୍କୁ ପୂଜା କରିବା ଆରମ୍ଭ କଲେ ।

# ଆଶାଢ଼ୀ ଦେଓ ଆଉ ନତ୍‌ନିସ୍ ଥେ ବେଟିସ୍ (ଆଷାଢ଼ୀ ଦେବତା ଓ ନାତୁଣୀ)

ହୁନ୍ ଖୁବଏ ତହିଆଏ ଚୋ ଗୋଏଟ୍ ହୁନ୍ । ଗୋଟକ ଗଦ୍‌ବା ଡୋକେର୍ ହୁନିଚୋ ନତନିସ୍ ସେଙ୍ଗ୍ ରହତ୍ ରହେଲି । ହୁନ୍‌ମାନ୍ ବୋରେଣ୍ଡି ଡୋଙ୍ଗ୍‌ରେଁ ରହଏତ୍ । ଦିନାଏକ୍ ଆଶାଢ଼ୀ ବୁରିଆ ଦେଓ ଡୋକେର୍ କେ ଦେଖୁକେ ଏଲା । ହୁନ୍ ଚାଉର୍, ମନ୍ଦ୍ (ହାଣ୍ଡିଆ)ସଘେଂ ନେହୁନ୍ ଚିହ୍‌ନା ଦେଉଁକେ ଆନୁନ୍ ରହେଏଲି । ଡୋକେର୍ ହୁନାକେ ପିଇଲି । ବଏଲ୍‌ଲି, "ମାଁଚସେତି ୟୋ ମନ୍ଦ ହାଣ୍ଡି କାଏଁ ସେତି ଆଏନ୍‌ଲିସ୍" ? ଦେଓ ବଏଲ୍‌ଲା, "ମୁଁଇ ତୁଚୋ ନତ୍‌ନିସ୍ କେ ବିହା ହେଉଁକେ ମନ୍ କର୍‌ତାଛଏଁ" । ଡୋକେର୍ ୟୋ ଗୋଏଟ୍ କେ ଶୁନୁନ୍ ରିଷାଉନ୍ ଗଲି ।



ସେ ଅନେକ ଦିନ ତଳର କଥା । ଜଣେ ଗଦବା ବୁଢ଼ୀ ତା ନାତୁଣୀ ସହିତ ରହୁଥିଲା । ସେମାନେ ବୋରେଣ୍ଡି ପାହାଡ଼ରେ ରହୁଥିଲେ । ଦିନେ ଆଶାଢ଼ୀବୁରିୟା ଦେବତା ବୁଢ଼ୀକୁ ଦେଖିବାକୁ ଆସିଲେ । ସେ ସାଙ୍ଗରେ ଚାଉଳ, ମଦ (ହାଣ୍ଡିଆ) ଉପହାର ଦେବାକୁ ଆଣିଥିଲେ । ବୁଢ଼ୀ ତାକୁ ପିଇଲା । କହିଲା, "ମୋ ପାଇଁ ହାଣ୍ଡିଆ କାହିଁକି ଆଣିଥିଲ ?" ଦେବତା କହିଲେ, "ମୁଁ ତୁମ ନାତୁଣୀକୁ ବିଭା ହେବାକୁ ଇଚ୍ଛା କରୁଛି ।"

ହୁନ୍ ବାହାରି ଆନୁନ୍ ଦେଓ କେ ମାଏର୍‌ଲି । ହୁନାଚୋ ମନ୍ଦ୍ ଥେୟୋତୋ ହାରାକେ ଫୁଟାଉନ୍ ଦେଲି । ହୁନି ବଡ୍‌କା ଯୋର୍ ରେ ବଏଲ୍‌ଲି, "ମାଚ୍ ନତ୍‌ନିସ୍ ପଲୁନ୍ ଗଲେ ମୁଇଁ କିସ୍ ରହତିଁ ?" ଦେଓ ପଲୁନ ଗଲା । ହୁନ୍ ଗଲା ତାହାଁଲେ ନୋନି ଚୋ ସୁର୍‌ତା ହାଜୁନ୍ ଗଲୋ । ଡୋକେର୍ ଆପଏ ଚୋ ଭୁଲ ଜାନୁକେ ସକ୍‌ଏଲି । ହୁନ୍ ନୋନି ଚୋ ଅବସ୍‌ତା ଦେଖିଲି । ନୋନି ମରୁନ୍ ଯାତି ଘଲାଏକ୍ ବଲୁନ୍ ଦେଓ କେ ଖୋଏଜ୍‌ଲି । ହେଲେ ବି ଲାହିଁ ନାହଁ । ହୁନେଚ୍ ପାଛେଁ ଝାଁଖର୍ ନେଁଗ ଗଲି ଆଉ ସବ୍ ଜାଏତ୍ କେ କହଏଲି ।



ବୁଢ଼ୀ ଏକଥା ଶୁଣି ରାଗିଗଲା । ସେ ପହଁରା ଆଣି ଦେବତାଙ୍କୁ ପିଟିଲା । ତାଙ୍କ ମଦ ଜାଗାଟିକୁ ଭାଙ୍ଗିଦେଲା । ସେ ଚିତ୍କାର କରି କହିଲା, "ମୋ ନାତୁଣୀ ଚାଲିଗଲେ ମୁଁ କେମିତି ରହିବି ।" ଦେବତା ଚାଲିଗଲେ । ସେ ଯିବାପରେ ଝିଅଟିର ଚେତା ବୁଡ଼ିଗଲା । ବୁଢ଼ୀ ତା'ର ଭୁଲ ବୁଝିଲା । ସେ ଝିଅର ଅବସ୍ଥା ଦେଖିଲା । ଝିଅଟି ମରିଯିବ ବୋଲି ଭାବି ଦେବତାଙ୍କୁ ଖୋଜିଲା । ହେଲେ ପାଇଲାନି । ଶେଷରେ ସେ ଦିଶାରୀ ପାଖକୁ ଗଲା ଓ ତାକୁ ସବୁ କହିଲା । ଦିଶାରୀ କହିଲା,

**ଝାଁଖର୍ ବଏଲଲୋ, ଯାହାର୍ ଗୋଟକ୍ ବଡ଼େ ଭାରି ଘଟ୍‌ନା ହୁନ୍ । ଦେଓ ତୁଚୋ ନତ୍‌ନିସ୍ କେ ବିହା ହେଉଁକେ ମନ୍ କରତ୍ ରହଏଲା । ତୁଇଁ ହୁନ୍ ଗୋଏଟ୍ କେ ନାହି କରିଁ । ତୁମ୍‌ଚୋ ହାଁବଲ୍‌ତୋହାର୍ ରହଏ ଲୋ ପୋଏ । ତୁଇଁ ଗୋଟକ୍ କାମ୍ କର୍ ଥାରି ବିହା କର୍ । ବରାତ୍ ବିତାମାନ୍ ଯାତା । ଯିସଏ ବିହା ହେଇଦ୍‌ଦେ ହୁସଏଁ ହେତୋ । ଦୁଲ୍‌ହା ନ ରହଏ । ହେଲେ ହୁନଏ ଦେଓ ଚୋ ନାଁୱ୍ରେ ହେତୋ । ଡୋକେର୍ ହୁସଏଚ୍ କଏର୍‌ଲି । ନୋନି ପିଲା ଦେଓ ଶକ୍ତି ଲହୁନ୍ ମଏର୍‌ଲି । ହୁନ୍ ଦେଓ ଶକତି ଲାହାଏଲି ଆଉ ହୁନିକେ ପୂଜା (କର୍‌ତାଛଏତ୍) କଏର୍‌ଲା । ଏତ୍ କଏଁ ଯୋ କହିନ୍ ଛେଧଏଲୋ ।**



ଏହା ଗୋଟିଏ ଗୁରୁତ୍ୱର ଘଟଣା । ଦେବତା ତୁମ ନାତୁଣୀକୁ ବିଭା ହେବାକୁ ଇଚ୍ଛା କରୁଥିଲେ । ତୁମେ ସେ କଥା ମାନିଲନି । ତୁମେ ରାଜି ହେବାର ଥିଲା । ତୁମେ ଗୋଟିଏ କାମ କର । କାଲି ବାହାଘର କର । ବରଯାତ୍ରୀମାନେ ଯିବେ । ଯେମିତି ବାହାଘର ହୁଏ ହେବ । ବର ରହିବନି । ହେଲେ ସେହି ଦେବତାଙ୍କ ନାମରେ ହେବ । ବୁଢ଼ୀଟି ତାହା ହିଁ କଲା । ଝିଅଟି ସମନ ହୋଇ ମଲା । ସେ ଐଶ୍ୱରୀକ ଶକ୍ତି ପାଇଲା ଓ ତାକୁ ପୂଜା କଲେ ।

# ରାଜା ରାନୀ (ରାଜା ରାଣୀ କଥା)

ଟିପାଲି ସହରେଁ ଶୋଇ କନ୍ଧ ନାଓଁ ଟୋ ରାଜା ରହତ୍ ରହଏଲୋ । ହୁନାଟୋ ତିନିଝାନ୍ ରାନୀ ଆଉ ସାତଠାନ୍ ବେଟାଏସ୍ ରହଏଲା । ଦିନାଏକ୍ ହୁନ୍ ଟିପାଲି ଏହୁନ୍ ବଡ୍‌କା ରାନୀ କେ ନେହୁନ୍ ପଏଲ୍‌ଲୋ । ୟୋ ଗୋଏଟ୍ କେ କୋନଏ ଜାନୁକେ ନାହିଁ ସକିଁ । ଶୋଇ କନ୍ଧ ରାଜା ଆପଁୟ ଟୋ ସଇନା ନେହୁନ୍ ରାନୀକେ ଖୋଜୁକେ ଗଲା । ହୁନ୍ ଖୁବଏ ରାଏଜ୍‌ଏଁ ଖୋଏଜ୍‌ଲା । ହେଲେ, ରାନୀ ଟୋ ଖୋଏଜ ଖଭେର ନାହିଁ ଲାହିଁ । ପାଛେଁ ଅମର୍ ପୁରେ ପୋହୋଁଏଚ୍‌ଲା । ହୁନ୍ ରାଏଜ୍ ଟୋ ଦର୍‌ହା ଗୋଟକ ଲେଙ୍ଗ୍ ଡେରା ବାନ୍ଧ୍‌ଲା ।




ଟିପାଲି ରାଜ୍ୟରେ ଶୋଇ କନ୍ଧ ନାମରେ ରାଜା ବାସ କରୁଥିଲେ । ତାଙ୍କର ତିନି ରାଣୀ ଥିଲେ ଓ ସାତୋଟି ପୁଅ ଥିଲେ । ଅମରପୁରର ରାଜା ଥିଲେ ବାଲୋଡ଼ ସିଂ । ସେ ଦିନେ ଟିପାଲି ଆସି ବଡ଼ ରାଣୀଙ୍କୁ ନେଇଗଲେ । ଏ କଥା କେହି ଜାଣି ପାରିଲେନି । ରାଜା ଶୋଇ କନ୍ଧ ସୈନ୍ୟ ସାମନ୍ତ ନେଇ ରାଣୀଙ୍କୁ ଖୋଜିବାକୁ ଗଲେ । ସେ ଅନେକ ରାଜ୍ୟ ଖୋଜିଲେ ହେଲେ ରାଣୀଙ୍କ ସନ୍ଧାନ ପାଇଲେନି । ଶେଷରେ ଅମରପୁରରେ ପହଞ୍ଚିଲେ । ସେ ରାଜ୍ୟର ହ୍ରଦ ପାଖରେ ଡେରା ପକାଇଲେ । ସୈନ୍ୟମାନେ ମଧ୍ୟାହ୍ନ ଭୋଜନ ପାଇଁ ଖାଇବା ଜିନିଷ ତିଆରି କରୁଥିଲେ ।

**ସଇନା ମାନେ ମନ୍‌ଝନ୍ ଚୋ ଖାଉଁକେ ବନାଓ୍ୱତ୍ ରହଏଲା । ୟୋ ଘଡିକ୍ ଅମର୍ ପୁର୍ ରାଜା ଚୋ ନାଉଚୋ ଘର୍‌ନିସ୍ ହୁନଲେଙ୍ଗେ୍ ନାହୁଁକେ ଏଲି । ରାଜା ହୁନିଚ୍ ଲେଙ୍ଗେ ଗଲା । ହୁନିକେ ଖୁବଏ ଚିଜ୍‌ବସ୍‌ଚୋ ଚିହ୍ନା ଦେଓ୍ୱାଁ ବଏଲ୍‌ଲା । ହୁନିଚୋ ଲେଙ୍ଗଲେ ରାନୀଚୋ ଖଭେର୍ ଲାହେଲା । ରାଜା ୟୋ ଗୋଏଟ୍ ଶୁନୁନ୍ ଅମର୍‌ପୁର୍ କେ ଲଢ଼େଇ କରୁକେ ସେଇନା ମାନ୍‌କେ୍ ଆଡର୍ ଦେଲା । ଲଡଇ ବାଜା ବାଏଜ୍‌ଲୋ । ସଇନାମାନ୍ ସହର୍ କେ ନିଙ୍ଗଲା । ଲଡଇ ହେଲୋ । ସଇନା ଆଧା ଲୋଗ୍‌କେ ମାରୁନ୍ ଦେଲା । ହୁନ୍‌ମାନ୍‌ଚୋ ରାଏତ୍‌ଏଁ ଖାତୋଚୋ ବେରା ହେଲୋ ।**



ଏତିକିବେଳେ ଅମରପୁରର ରାଜାଙ୍କ ବାରିକର ସ୍ତ୍ରୀ ସେଠାକୁ ଗାଧୋଇବାକୁ ଆସିଲା । ରାଜା ତା ପାଖକୁ ଗଲେ । ତାକୁ ବହୁତ ଉପହାର ଦେବାକୁ କହିଲେ । ତା ପାଖରୁ ରାଣୀଙ୍କ ଖବର ପାଇଲେ । ରାଜା ଏକଥା ଶୁଣି ଅମରପୁର ଆକ୍ରମଣ କରିବାକୁ ସୈନ୍ୟମାନଙ୍କୁ ଆଦେଶ ଦେଲେ । ଯୁଦ୍ଧ ବାଦ୍ୟ ବାଜିଲା । ସୈନ୍ୟମାନେ ରାଜ୍ୟକୁ ପଶିଲେ । ଯୁଦ୍ଧ ହେଲା । ସୈନ୍ୟମାନେ ଅଧେ ଲୋକ ମାରିଦେଲେ । ସେମାନଙ୍କ ରାତି ଖାଇବା ସମୟ ହୋଇଗଲା । ଯୁଦ୍ଧ ବନ୍ଦ ହେଲା । ତା ପରଦିନ ଅଧେ ଲୋକଙ୍କୁ ମାରିଦେଲେ ।


ଲଡ଼ଇ ବନ୍ଦ ହେଲୋ । ହୁନେଚୋ ଆଉର ଦିନ୍ ଆଉ ଆଧା ଝାନ୍‌କେ ମାରୁନ୍ ପୋକାଏଲା । ରାନୀକେ ନେହନ ରାଏଜ୍ କେ ଫିର୍‌ଲା । ବାଟେଁ ରାଜାକେ ପିଆସ୍ ଲାଏଗ୍‌ଲୋ । ହୁନ୍ ଗୋଟକ୍ ଝର୍ ଝରା ଲାହଏଲୋ । ହୁନାକେ ଏତ୍‌କ୍ ପିଆସ ଲାଗତ ରହଏ ଲୋ ଯୋ, ହୁନ୍ ଝରଝରା ପାନିକେ ପିଇଲୋ । ହୁନ୍ ଝର୍‌ଝରାହାର୍ ଗୋଟକ ଯାଦୁ ଝର୍‌ଝରା ହୁନ୍ । ପାନି ପିଇଲୋ ତାହାଁଲେ ହୁନ୍ ଯାଦୁମନ୍‌ତର୍ ହୁନାଚୋ ଗାଗଡେଁ ନିଙ୍ଗଲୋ । ପାଛେ ଝର୍‌ଝରା ଆଟନ୍ ଗଲୋ । ହୁନ ଘରକେ ଏହୁନ୍ ସାତ ଝାନ୍ ବେଟାଏସ୍‌କେ ଯାଦୁ ମନ୍‌ତର ଶିଖାଏଲୋ । ହୁନ୍‌ମାନ୍ ପହେଲା ଯାଦୁଗୁରୁ ହେଲା । ପାଛେଁ ହୁମାନ୍‌ଚୋ ଖୁବଏ ଚେଲା ବଏନ୍‌ଲା ।



ରାଣୀଙ୍କୁ ଆଣି ରାଜ୍ୟକୁ ଫେରିଲେ ବାଟରେ ରାଜାଙ୍କୁ ଶୋଷ ହେଲା । ସେ ଗୋଟିଏ ଝରଣା ଦେଖିଲେ । ତାଙ୍କୁ ଏତେ ଶୋଷ ହେଉଥିଲା ଯେ ସେ ଝରଣାର ପାଣି ପିଇଲେ । ସେହି ଝରଣା ଯାଦୁ ଝରଣା ଥିଲା । ପାଣି ପିଇବାରୁ ଯାଦୁବିଦ୍ୟା ତାଙ୍କ ଦେହକୁ ଗଲା । ଶେଷରେ ଝରଣାଟି ଶୁଖିଗଲା, ସେ ଘରକୁ ଫେରି ସାତପୁଅଙ୍କୁ ଯାଦୁବିଦ୍ୟା ଶିଖାଇଲେ । ସେମାନେ ପ୍ରଥମ ଯାଦୁଗର ହେଲେ । ପରେ ତାଙ୍କର ଅନେକ ଶିଷ୍ୟ ହୋଇଥିଲେ ।

# ରୂପିଆ ଚୋ ଜନମ୍ ଲୋ କହିନ୍
# (ଟଙ୍କା ଜନ୍ମ କାହାଣୀ)

ତହିଆଏ ଦିନ୍ ଚୋ ଗୋଏଟ୍ । ହୁନ୍ ଘଡ଼ିକ୍ ରୂପିଆ ନାହିଁ ରହିଁ । ସୀମା ରାଜା ଆଉ ସୀମା ରାନୀକେ ମହାପର୍ଭୁ ଭଗୱାନ୍ ରାଏଜ୍ ଗୋଟକ୍ ଦେଲା । ରାଏଜ୍ ଚୋ ବନକ୍ ଖରାପ୍ ଜାନ୍‌ତୋ ସେତି ଗୋଟକ ଦେୱାନ୍ ରହଏ । ହୁନ୍ ଜମାଏ ବୁତାକେ ବନ୍‌କେ ବନ୍‌କ କରତ୍ ରହଏ । ହେଲେ କାହିଁ ଚିଜ୍ ବିଷାତୋ କି ବେଁଚତୋ ଘଡ଼ିକ୍ କାହିଁ ବାଟ ନାହିଁ ବାଁ କାରନ୍ ହେତ୍‌ାଛଏ, ହୁନ୍ ଘଡିକ୍ ରୂପିଆ ନାହିଁ ରହିଁ । ହୁନଏ ସେତି ସୁବିଦାଏଁ କାମ ହେଉଁକେ ନାହିଁ ସକତ୍ ରହି । ଦିନାଏକ୍ ମହାପରଭୁ ଭଗୱାନ୍, ରାନିକେ ଗୋଟକ ଚାନ୍ଦିତୋ ଡୋଙ୍ଗର କେ ନେଲା ।



ପୁରୁଣା ଦିନର କଥା । ସେତେବେଳେ ଟଙ୍କା ନ ଥିଲା । ସୀମା ରାଜା ଓ ସୀମା ରାଣୀଙ୍କୁ ମହାପ୍ରଭୁ ରାଜ୍ୟଟିଏ ଦେଲେ । ରାଜ୍ୟର ଭଲମନ୍ଦ ବୁଝିବାକୁ ଜଣେ ଦିୱାନ ଥିଲେ । ସେ ସବୁକାମ ଠିକ୍ ଭାବରେ କରୁଥିଲେ । ହେଲେ ଜିନିଷ କିଣାବିକା ବେଳେ ଅବା ଅନ୍ୟ କାମରେ ଦେବାପାଇଁ କୌଣସି ବାଟ ନ ଥିଲା କାରଣ ସେତେବେଳେ ଟଙ୍କା ନଥିଲା । ତେଣୁ ସୁବିଧାରେ କାମ ହୋଇ ପାରୁନଥିଲା ।  ଦିନେ ମହାପ୍ରଭୁ ରାଣୀଙ୍କୁ ଗୋଟିଏ ରୂପା ପାହାଡ଼କୁ ନେଲେ ।


ହୁନିକେ କୁଢ଼ା କୁଢ଼ା ଚାନ୍ଦି ଦେଖାଏଲା । ହୁନ ବଏଲ୍‌ଲୋ, ଏହାର୍ ମାନ ଚାନ୍ଦି ହୁନ୍ । ତାହଁଲେ ସୋନଚୋ ଡୋଙ୍ଗର ଲେଙ୍ଗେ ନେଲା । ହୁଥିଁ କୁଢ଼ା କୁଢ଼ା ସୋନ୍ ଦେଖଲା । ହୁନ୍‌ମାନ୍ ଘରକେ ଏଲା । ମହାପରଭୁ ଭଗୱାନ ରାନୀକେ ରୂପିଆ ବନାତୋ ହାରା ଶିକାଉନ୍ ଦେଲା । ରାନୀ ସୋନ୍ ଚାନ୍ଦି ଆଉ ତାମା ଆପାଏ ଚୋ ରାଏଜ୍ କେ ଆଏନ୍‌ଲି । ହୁନଏ ରୂପିଆ ବନାଏଲା । ତାହାଁଲେ ଚପରାସି କେ ରୂପିଆ ଦେହୁନ ବଏଲଲୋ, "ଯାହା ଜମାଏ ପରବାରକେ ଦୁଇ ଦୁଇ ଶଓ ରୂପିଆ ଦେହୁନ୍ ଦେତାଏସ୍" । ହୁନ ଦିନଲେ, ଜମାଏ ରୂପିଆ ଚୋ ଲେନ୍‌ଦେନ୍‌କେ ଜାଏନ୍‌ଲା ।



ତାଙ୍କୁ ଗଦା ଗଦା ରୂପା ଦେଖାଇଲେ । ସେ କହିଲେ ଏ ଗୁଡ଼ିକ ରୂପା । ତା' ପରେ ସୁନା ପାହାଡ଼ ପାଖକୁ ନେଲେ । ଶେଷରେ ତମ୍ବା ପାହାଡ଼ ପାଖକୁ ଯାଇ ଗଦା ଗଦା ତମ୍ବା ଦେଖିଲେ । ସେମାନେ ଘରକୁ ଫେରିଲେ । ମହାପ୍ରଭୁ ରାଣୀଙ୍କୁ ଟଙ୍କା ତିଆରି କରିବା ଶିଖାଇ ଦେଲେ । ରାଣୀ ସୁନା, ରୂପା ଓ ତମ୍ବା ନିଜ ରାଜ୍ୟକୁ ଆଣିଲେ । ସେଥିରେ ଟଙ୍କା ତିଆରି କଲେ । ତା ପରେ ଚପରାଶିକୁ ଟଙ୍କା ଦେଇ କହିଲେ, "ଯାଅ ସବୁ ପରିବାରକୁ ଦୁଇ ଶହ ଟଙ୍କା ଲେଖାଁ ଦେଇଦେବ," ସେଇଦିନଠୁ ସଭିଏଁ ଟଙ୍କାର ବ୍ୟବହାର ଜାଣିଲେ ।


# ରୁପିଆ ଚୋ ବେଭାର୍ (ଟଙ୍କାର ବ୍ୟବହାର)

**ଏକ ଖେପ୍ ଭଗୱାନ ଜୟପୁର ରାଜା ଲେଙ୍ଗେ ଏଲା । ଭଗୱାନ ବାମହନ୍ ବନୁନ୍ ରହଏଲା । ମହାରାଜା ହୁନାକେ ପେଡ଼୍‌ଘାଉନ୍ ନେଲା । ହୁନାଚୋ ଖାତୋ ପିତୋଚୋ ସୁବିସ୍‌ତା କଏର୍‌ଲା । ହୁନ୍ ଘଡିକ୍ କିଲିସ ନାହିଁ ରହିଁ । ଲୋଗ୍‌ମାନ୍ ସେୱାଁଡ ପାନ, କାନ୍ଦା ଆଉ କରିଲ୍ ଖାହୁନ୍ ବାଁଚତ୍ / ଜୀୱାତ୍ ରହଏଲା । ମହାରାଜା ବାମହନ୍ ଲେଙ୍ଗେ ବଏସଲା; ବାଁଶ କରିଲ୍‌କେ ପିଲା ପିଲା ଚକରି ଚକରି କାଏଟ୍‌ଲା ଆଉ ବଡ଼କା ସେୱାଁଏଡ୍ ବିଜି କେ ଦେଲା । ଡୋକରା ବାମହନ୍ ବାଁଶ କରିଲ କେ ଇତିକ୍ ଖାଏଲା । ତାହାଁଲେ କରିଲ୍ ଆଉ ବିଜିକେ ଗୋଟକ୍ ଦୋନିଏଁ ଥେହୁନ୍ ପାନ ଗୋଟକ୍ ଢ଼ାପ୍‌ନା ଦେଲୋ । ମହାରାଜା ରାଜାମହଲ କେ ଫିରୁନ ଏଲା ।**



ମହାପ୍ରଭୁ ଥରେ ଜୟପୁର ମହାରାଜାଙ୍କ ପାଖକୁ ଆସିଲେ । ମହାପ୍ରଭୁ ବ୍ରାହ୍ମଣ ବେଶରେ ଥିଲେ । ମହାରାଜା ତାଙ୍କୁ ଅଭିନନ୍ଦନ ଜଣାଇଲେ । ତାଙ୍କ ଖାଇବା ପିଇବାର ବ୍ୟବସ୍ଥା କଲେ । ସେତେବେଳେ ଶସ୍ୟ ନଥିଲା । ଲୋକେ ଶିଆଳୀ ପତ୍ର, ମୂଳ ଓ ବାଉଁଶ ଗଜା ଛୋଟ ଛୋଟ ଗୋଲ ଗୋଲ କରି କାଟିଲେ ଓ ବଡ଼ ସିଆଡ଼ି ମଞ୍ଜି ଦେଲେ । ବୁଢ଼ା ବ୍ରାହ୍ମଣ ବାଉଁଶ ଗଜାରୁ କିଛି ଖାଇଲେ । ତାପରେ ବାଉଁଶ ଏବଂ ମଂଜିକୁ ଗୋଟିଏ ପତ୍ର ଠୁଙ୍ଗାରେ ରଖି ପତ୍ରଟିଏ ଘୋଡାଇ ଦେଲେ । ମହାରାଜା ରାଜବାଟିରୁ ଫେରି ଆସିଲେ ।

ଦେଖ୍‌ଲ ଯୋ ଆପଏ ଚୋ, ପୋହ୍‌ନା ଲୋଗ୍ ନିହାଏ ବାଁ । ହୁନ୍ ପାନ୍‌କେ ଉଘାଏଡ଼୍‌ଲା । ହୁନ୍ ଦେଖଲା ଯୋ ବାଁଶ କରିଲ କଟାଏଲୋ (ଖଣ୍ଡ) ଚାନ୍ଦି ଚୋ ରୂପିଆ ହେଉନ୍ ଆହେ । ସେଓ୍ୱାଁଡ ବିଚି ମାନ୍ ତମା ରୂପିଆ ବନୁନ୍ ଆହେ । ରାଜାଚୋ ହୁନଏ ବାବ୍‌ଦେଁ କାହିଁ ଜାନୁନ୍ ନାହିଁ ରହିଁ । ହୁନ୍ ବିଚାରଏତ୍ ରହଏ ଯୋ ଏନ୍‌ଏଁ ଖାତୋ ଚିଜ୍ ନିହାଏ । ପୋହନା ବାମ୍‌ହନ୍ ରିସ୍ୟାଉନ୍ ପଲୁନ୍ ଗଲା । ହୁନ୍ ହୁନାର୍ ମାନ୍‌କେ ପୋକାଉଁକେ ମନ କଏର୍‌ଲୋ । ଯୋ ଘଡ଼ିକ୍ ବାମହନ୍ ଫିରୁନ୍ ଏଲୋ । ହୁନାଚୋ ହାଁତକେ ଧରୁନ୍ ନେହୁନ୍ ବଏଲ୍‌ଲୋ, ଏହାରାକେ ପୋକାଓ୍ୱା ନାହିଁ । ଏହାରାକେ, କୋଚିଆ କାମେ ଲଗାଓ୍ୱା ପାଛେଁ । ହୁନ ଦିନଲେ ଲୋକମାନ୍ ରୂପିଆ ପଇସା ଚୋ କାମେ ଲଗାତୋ ଜାଏନ୍‌ଲା ।



ଦେଖିଲେ ତାଙ୍କର ଅତିଥି ନାହାଁନ୍ତି ।  ସେ ପତ୍ରଡିକୁ ଖୋଲିଲେ । ସେ ଦେଖିଲେ ବାଉଁଶର କଟା ହୋଇଥିବା ଖଣ୍ଡ ସବୁ ରୂପା ଟଙ୍କା ହୋଇ ଯାଇଛି । ସିଆଡ଼ି ଫଳଗୁଡ଼ିକ ତମ୍ବାଟଙ୍କା ହୋଇଛି । ରାଜାଙ୍କର ସେ ବିଷୟରେ କିଛି ଧାରଣା ନଥିଲା । ସେ ଭାବିଲେ ଏଥିରେ ଖାଇବା ଜିନିଷ ନାହିଁ । ବ୍ରାହ୍ମଣ ଅତିଥି ରାଗି ଚାଲିଗଲେ । ସେ ସବୁ ଗୁଡିକୁ ଫିଙ୍ଗି ଦେବାକୁ ଚାହିଁଲେ । ଏତିକି ବେଳେ ବ୍ରାହ୍ମଣ ଫେରି ଆସିଲେ । ତାଙ୍କ ହାତକୁ ଧରି ନେଇ କହିଲେ, ଏହାକୁ ଫିଙ୍ଗି ଦିଅନି । ଏହାକୁ ବେପାର ବଣିଜରେ କାମରେ ଲଗେଇବ । ସେହିଦିନଠାରୁ ଲୋକମାନେ ଟଙ୍କାର ବ୍ୟବହାର ଜାଣିଲେ ।


# ତେଲ ପାରୁନି ଡୋକେର ଟୋ ତେଲ କହିନ୍
# (ତେଲୁଣୀ ବୁଢ଼ୀର ତେଲ କଥା)

ତେଲ୍ ପାର୍ ଡୋଙ୍ଗ୍‌ରେ ଗୋଟକ ବୁଢ଼ୀ ରହତ୍ ରହଏ । ହୁନିଟୋ ନାଓଁ ତେଲ ପାରୁନି ରହେଲୋ । ହୁନି ଜୀଉଭେର୍ ତେଲ ରାନ୍ଧୁନ୍ ନିଙ୍ଗାଓ୍ୱେଏ । ଏତକ୍‌ଲେ ହୁନିଟୋ କାହିଁ ଦୁସ୍‌ରା କାମ୍ ନାହିଁ ରହିଁ । ପଶୁ ଗୋଟକ୍ କିଟେଡଏ ଗୋଟକ ମଏର୍‌ଲେ ପହେଲା ହୁନାଟୋ ତେଲ ନିଙ୍ଗାଓ୍ୱେ ଆଉ ପାଛେଁ ଖାଏ । ହୁନିଟ୍ ରହତୋ ଜାଗାଲେ ଇତିକି ଧୂରିଆଏଁ ଗୋଟ୍‌କଏ ବଁଶ ଟୋ ବାରଝାନ୍ ଗଦବା ରହଏତ୍ । ହୁମାନ୍‌ଟୋ ନାଓ୍ୱ ରହଏ – ଟୋଟା ପରିୟା, ବୋଣ୍ଡା ପରିୟା, ଗଦବା ପରିୟା, ଜାନି ପରିୟା, ଗଛ ପରିୟା, ମୁରଗୁନିୟ ପରିୟା, ସୁନା କେଡିୟ ପରିୟା । ଚଇତରା ଯାତରାଏଁ ୟୋମାନ୍ ଲମ୍‌ବ୍‌ହା ମାରୁକେ ଗଲା । ଖେଧା କରତ୍ କରତ୍ ତେଲ ପାର୍ ଡୋଙ୍ଗରେଁ ପହଏଁଚଲା । ହୁଥଏଁ ଏକ୍ ଘଡ଼ିକ୍ ଥାଏକ୍‌ଲା ।



ତେଲପାର ପାହାଡ଼ରେ ବୁଢ଼ୀଟିଏ ରହୁଥିଲା । ତା'ର ନାଆଁ ଥିଲା ତେଲପାରୁଇନି । ସେ ଜୀବନ ସାରା କେବଳ ତେଲ ବାହାର କରୁଥିଲା । ଏହା ଛଡା ତାହାର କିଛି କାମ ନ ଥିଲା । ପଶୁଟାଏ କି ପକ୍ଷୀଟାଏ ମାରିଦେଲେ ପ୍ରଥମେ ତା ତେଲ ବାହାର କରୁଥିଲା । ତା ପରେ ଖାଉଥିଲା । ସେ ରହୁଥିବା ଜାଗାର କିଛି ଦୂରରେ ଗୋଟିଏ ବଂଶର ବାରଜଣ ଗଦବା ରହୁଥିଲେ । ସେମାନଙ୍କର ନାମ ଥିଲା – ଟୋଟା ପରିୟା, ଓଞ୍ଚାଲ ପରିୟା, ସିଲ ପରିୟା, ମୁଣ୍ଡା ପରିୟା, ଗୁସାଇ ପରିୟା, ମୁଲା ପରିୟା, ଜାନି ପରିୟା, ଗଛ ପରିୟା, ମୁରଗୁନିୟ ପରିୟା, ସୁନା କେଡ଼ିୟ ପରିୟା । ଚଇତ୍ର ପର୍ବରେ ଏମାନେ ଠେକୁଆ ମାରିବାକୁ ଗଲେ । ପାରିଧି କରୁ କରୁ ଏମାନେ ତେଲପାର ପାହାଡ଼ରେ ପହଞ୍ଚିଲେ ସେଠାରେ କିଛି ସମୟ ବିଶ୍ରାମ ନେଲେ ।

ଇତିକ୍ ଧୂରିଆଏଁ ବୁରରା ଭିତରଲେ କୁହୁଲା ନିଙ୍ଗତ୍ ରହଏ । ହୁନ୍‌ମାନ୍ ଏହାକେ କୋନ୍ କର୍‌ତାଛଏ ବୋଲୁନ୍ ବିଚାଏର୍‌ଲା । କୋନ୍ ଆଛଏ ବୋଲୁନ୍ ହୁଁକେ ହିଁଡ଼ଲା । ହୁଥି ପହଁଚୁନ୍ ଦେଖ୍‌ଲା ଯୋ ଡୋକେର୍ ଗୋଟକ୍ ବସୁନ୍ ରହଏ । ବଡ଼କା ଲମ୍‌ହଇ ଲେ ତେଲ ନିଙ୍ଗାଓ୍ୱତ୍ ରହଏ । ୟୋ ମାନ୍‌କେ ଦେଖୁନ୍ ଡୋକେର୍ ରହଁସ୍ ହେଉନ୍ ଗଲି । ବିଚାଏରଲି ଇସ୍ ଖାଇଦ / ଖାଏଦୋ ଭାଏଗ୍‌ଏଁ ରହଏଲେ ମିଲଏଦ୍ । ହେଲେ ୟୋ ମାନ୍ ଜନାଏକ୍ ନୋହଏତ୍ । ୟୋ ମାନକେ କିସ୍ ଖାଇଁ ହେତୋ ? ଇସ୍ ବିଚାରୁନ୍ ହୁନ୍‌ମାନ୍‌କେ ବଡ଼ାଏ ଜୋରଏଁ (ପାଟି) ହଁଖରାଏଲି / ବଏଲ୍‌ଲି, "ଏ ବେଟା ମାନ୍, ମାଚ ଲେଙ୍ଗେ ୟାହା,



ଶିକାର କରୁ କରୁ ତେଲପାର ପାହାଡ଼ରେ ପହଞ୍ଚିଲେ । ସେଠାରେ ଟିକିଏ ବିଶ୍ରାମ ନେଲେ । କିଛି ଦୂରରେ ବଣ ଭିତରୁ ଧୂଆଁ ଉଠୁଥିଲା । ସେମାନେ ଏହା କିଏ କରୁଛି ବୋଲି ଭାବିଲେ । କିଏ ଅଛି ବୋଲି ଭାବି ସେଠାକୁ ଚାଲିଲେ । ସେଠି ପହଞ୍ଚି ଦେଖିଲେ ଗୋଟିଏ ବୁଢ଼ୀଲୋକ ବସିଛି । ଗୋଟିଏ ବଡ଼ ଠେକୁଆ ଦେହରୁ ତେଲ ବାହାର କରୁଛି । ଏମାନଙ୍କୁ ଦେଖି ବୁଢ଼ୀ ଖୁସି ହୋଇଗଲା । ଭାବିଲା ଏମିତିକା ଖାଦ୍ୟ ଭାଗ୍ୟରେ ଥିଲେ ମିଳେ । ହେଲେ ଏମାନେ ଜଣେ ନୁହେଁ । ଏମାନଙ୍କୁ ସେ ଖାଇବ କେମିତି ? ଏମିତି ଭାବି ସେମାନଙ୍କୁ ଖୁବ୍ ଜୋରରେ ପାଟିକରି କହିଲା, "ହେ ପିଲାମାନେ, ମୋ ପାଖକୁ ଆସ,

ମୁଁଇଁ ତୁହାନ୍ କେ ଖୁବଏ ଦିନଲେ ନିହାଏ ଦେଖୁନ୍ । ତୁହାନ୍ ପିଲା ରହେ୍ଲାଏସ୍ ଆଉ ମୁଁଇଁ ତୁହାନ୍ ଲେ ଥୋରକ୍ ଧୂରିଆଏଁ ଆଛଏଁ । ମୋକେ ନିହାଏ ଜାନୁକେ ସକତ୍, କାଏ ମୁଁଇଁ ତୁମଚୋ ଓୟାଚୋ ବଡ୍‌କା ବହିନିସ୍ ହୁନ୍ । ଆଏଜ୍ ରାଏତେଁ ଏଥାଏଁ ରାହା ପାଛେଁ । ତମ୍‌ହାନ୍ ଖୁବଏ ଥାକୁନ୍ ଆଛାଏସ୍ । କାଏଲ୍ ଚୋ ବଡ଼େ ବିହାନେ ଯାତାଏସ୍ । ଡୋକେର୍ ଚୋ ଇସ୍ ଗୋଏଟ୍ ଶୁନୁନ୍ ଭାଇସ୍ ମାନ୍ (ଆଚମ୍ୱିତ) ଚକିତ୍ ଦେହୁନ୍ ଗଲା । ହୁନ୍ ୟୋ ଗୋଏଟ୍ ସହିଏଁ କହତ୍ ଆହେ କି, ହୁନ୍ ମାନ୍ କେ ଖାଉଁକେ କହତ୍ ଆହେ । ଭାଏଲ ହୁନମାନ୍ ଶଉତା ତାହାଁଲେ ଖାଉହୁନ୍ ଦେତି । ଭାଇସ୍ ମାନ୍ ପଚାଏର୍‌ଲା, "ତୁଇଁ କାଏଁ କର୍ ତାଛଏସ" ? ଡୋକେର୍ ବଏଲ୍‌ଲି, ତୁମ୍‌ହାନ୍ କାଏଁ ଖାତାଏସ୍ ?



ମୁଁ ତମକୁ ଅନେକ ଦିନ ହେବ ଦେଖିନି । ପିଲାଟିବେଳୁ ତୁମଠୁ ଦୂରରେ ରହିଛି । ମୋତେ ଜାଣି ପାରୁନ, ମୁଁ ତୁମ ମାଆର ବଡ଼ ଭଉଣୀ । ଆଜି ରାତିଟା ଏଠି ରହିଯାଅ । ତୁମେ ବଡ଼ ଥକ୍କା ହୋଇ ପଡ଼ିଛ । କାଲି ସକାଳୁ ଚାଲିଯିବ ।" ବୁଢ଼ୀର ଏପରି କଥା ଶୁଣି ଭାଇମାନେ ଆଶ୍ଚର୍ଯ୍ୟ ହେଲେ । ସେ ଏକଥା ସତରେ କହୁଛି ଅବା ସେମାନଙ୍କୁ ଖାଇବାକୁ କହୁଛି । ହୁଏତ ସେମାନେ ଖାଇବା ପରେ ଖାଇ ଦେଇପାରେ । ଭାଇମାନେ ପଚାରିଲେ, "ତୁମେ କ'ଣ କରୁଛ" ? ବୁଢ଼ୀ କହିଲା, ତୁମେମାନେ କ'ଣ ଖାଇବ ?

ମୁଇଁ ଏକ୍‌ଲାଏଁ ମାଚ୍ ସେଙ୍ଗ କୋନଏ ରହଏତ୍ ନାହିଁ । ଯେଧାଲ ଯାଏଁ ଲାହିଁଦେ ଖାଇଁନ୍ଦେ । ତାହାଁଲେ ଡୋକେର୍ ତେଲେଁ ଇତିକ୍ ମାସ୍ ରାଏନ୍ଧଲି । ଭାଇସ୍‌ମାନ ରହଁସେ ଖାହୁନ ଶୋଉନ୍ ଗଲା । ଆଧା ରାଏତ ହେଲୋ । ଡୋକେର ପିଲା ଭାଇସ୍‌କେ ମାରୁନ୍ ଖାଉଁକେ ଯାତୋ ଘଡିକ୍ ପିଲା ଭାଇସ୍ କିର୍ କିର୍ ଲୋ ଦୁସୁରା ମାନ୍ ଉଠୁନ୍ ଗଲା । ଡୋକେର୍ କେ ଗୁଡିଆଉନ୍ ମାରୁନ୍ ଦେଓ୍ୱାଁ ବଏଲଲା । ଡୋକେର୍ ବଏଲ୍‌ଲି, " ମୋକେ ମାରା ନାହିଁ । ମୁଇଁ ତୁମ୍‌ଚୋ ସେଙ୍ଗ ଖେଲତ୍ ରହଏନି । ମୋକେ ଘର୍‌କେ ନାହାଁ । ମୁଇଁ ହୁଥିଁ ତେଲ ନିଙ୍ଗାତୋ ବୁତା କର୍‌ତିଁ । ଭାଇସ୍ ମାନ୍ ହୁନିକେ ଘର୍‌ଲେ ନେହୁନ୍ ଗଲା । କିସ୍ ତେଲ ବନାତେ ହୁନାକେ ବୁହାରିସ୍ (ଲେକ୍ୟାଏସ୍) ମାନ୍‌କେ ଶିଖାଉନ୍ ଦେଲି ।



ମୁଁ ଏକୁଟିଆ, ମୋ ସହିତ କେହି ରହନ୍ତିନି । ଯେତେବେଳେ ଯାହା ପାଏ ଖାଏ ।" ତାପରେ ବୁଢ଼ୀ ତେଲରେ କିଛି ମାଂସ ରାନ୍ଧିଲା । ଭାଇମାନେ ଖୁସିରେ ଖାଇ ଶୋଇଗଲେ । ରାତିଅଧ ହେଲା । ବୁଢ଼ୀ ସାନଭାଇକୁ ମାରି ଖାଇବାକୁ ଯିବାବେଳେ ସାନଭାଇ ପାଟିକଲା । ଅନ୍ୟମାନେ ଉଠିଗଲେ । ବୁଢ଼ୀକୁ ଘେରିଯାଇ ମାରିଦେବାକୁ କହିଲେ । ବୁଢ଼ୀ କହିଲା, ମୋତେ ମାରନି । ମୁଁ ତୁମ ସହିତ ଖେଳୁଥିଲି । ମୋତେ ଘରକୁ ନେଇଚାଲ । ମୁଁ ସେଠାରେ ତେଲ ବାହାର କରିବା କାମ କରିବି ।" ଭାଇମାନେ ତାକୁ ଘରକୁ ନେଇଗଲେ । କିପରି ତେଲ ତିଆରି ହେବ ସେକଥା ଘରର ସ୍ତ୍ରୀ ଲୋକମାନଙ୍କୁ ଶିଖାଇଲା ।

# ତୁରାଇମାଇ ଘର୍‌ନିସ୍ କହିନ୍
# (ତୁରାଇ ମାଇର ସ୍ତ୍ରୀ କଥା)

ତୁରାଇମାଇ ନାଁଓ ଟୋ ଗୋଟକ୍ ବାବୁ ରହଏଲୋ । ଦିନ୍ ଭଏର୍ ହୁନ୍ ଫାସି ଲଗାଉନ୍ କାଣେଁ ଚଢ଼େଏ ମାର୍‌ଏ । ହୁନ୍ ଗୋଟକ୍ ସୁନ୍ଦର ନୋନି କେ ବିହା ହେଉନ୍ ରହଏଲୋ । ହୁନ୍ ନୋନି ହୁନାକେ ଖରାପ୍ ଚାଏଲ୍ କରତ୍ ରହଏଲି । କହଏ, "ତୁମହିଁ କାହିଁ ଗୋଏଟ୍ ଜାନତ୍ ନିହାଏସ୍"। ସବ୍ ଘଡ଼ିକ୍ ଚଢ଼ଏ ମାରତ୍ ଆହାଏସ୍ । ଇସ୍ ବଲୁନ୍ ଘରଲେ ନିଙ୍ଗାଉନ୍ ଦେଲି । ହୁନ୍ ବାବୁପିଲା କିସ୍ କରତିଁ ବଲୁନ୍ ପଏଲ୍‌ଲୋ । ରାଏତେଁ ବିନ ଘରଟୋ ହେହୁନ୍ ୟୋଏଁ ତେ୍ୟାଏଁ ଓସ୍‌ରାଏଁ ଶୋଇଲୋ । ଆଉର ଦିନ୍ / ଦୁସର୍ ଦିନ୍ ହୁନାଟୋ ଲେକ୍ୟାଏସ୍ ଖରାପ ଚଏଲ୍ କଏରଲି ହୁନ୍ ଘର୍‌ଲେ ନିଙ୍ଗୁନ୍ ପଏଲୋ ।



ତୁରାଇମାଇ ନାମରେ ଜଣେ ଯୁବକ ଥିଲା । ସେ ଦିନସାରା ଫାସ ବସାଇ ତୀରମାରି ଚଢ଼େଇ ମାରୁଥିଲା । ସେ ଗୋଟିଏ ସୁନ୍ଦରୀ ଝିଅକୁ ବିଭା ହୋଇଥିଲା । ଝିଅଟି ତାକୁ ଖରାପ ବ୍ୟବହାର କରୁଥିଲା । କହୁଥିଲା, "ତୁମେ କଥା କିଛି ବୁଝୁନ । ସବୁବେଳେ ଚଢ଼େଇ ମାରୁଛ" ଏହା କହି ତାଙ୍କୁ ଘରୁ ବାହାର କରିଦେଲା । ପିଲାଟି କ'ଣ କରିବ ଭାବି ସେ ବାହାରକୁ ଗଲା । ରାତିରେ ଶ୍ରୀହୀନ ଅବସ୍ଥାରେ ଏଣେତେଣେ ବାରଣ୍ଡାରେ ଶୋଇଲା । ତା ପରଦିନ ତା ସ୍ତ୍ରୀ ପୁଣି ଖରାପ ବ୍ୟବହାର କଲା । ସେ ଘରୁ ବାହାରି ଗଲା ।

ଏକ ଦିନ୍ ଲେକ୍ୟାଏସ୍ ଚୋ ଗୋଏଟ୍ କେ ସହୁଁକେ ନାହିଁ ସକି । ରାଏତଏଁ ବୁର୍ଲାକେ ଗଲୋ । ଚେଢ଼େଏ ଖୋଜୁକେ ଗଲୋ । ହୁନ୍ ଆପଏ ଚୋ କରମ୍ ଭାଏଗ୍‌କେ ବଦି କଏର୍‌ଲୋ ଆଉ ଜୋର୍‌ସେ ଗାଏଗ୍‌ଲୋ । ଦେଓମାନ୍‌ଚେ ଜାଦୁବାଲା ଗୋଟକ୍ ରହଏ ଲୋ । ହୁନାଚୋ ନାଆଁଓ କୁନ୍‌ଗୁରୁ ରହଏଲୋ । ହୁନ୍ ଜାଦୁବାଲା ହିସାବେଁ ରହଏଲୋ । ହୁନ୍ ବାବୁ ପିଲାଚୋ ଗାଗ୍‌ତୋ ହାରାକେ ଶୁଇନ୍‌ଲୋ । ହୁନାଚୋ ଲେଙ୍ଗେ ଏହୁନ୍ ପଚାଏର୍‌ଲୋ, ତୁଚୋ କାଏଁ ଦୁଃଖ ହୁନ୍ ଗୋଠ୍ୟାଓ ତୁଇଁ ଇସ୍ ଗାଗ୍‌ତା ଛଏସ୍ କାଏଁ ସେତି ? ବାବୁ ପିଲା ଜମାଏ କେ ଗୋଠ୍ୟାଏଲୋ । ହୁନ ସବ୍ ଗୋଏଟ୍ ଶୁନୁନ୍ ବଏଲଲୋ, "ମୁଇଁ ଏନେଚୋ ବାଁଚ୍‌ତୋ ଗୋଏଟ୍ କେ ଗୋଠ୍ୟାଉନ୍ ଦେତିଁ ?"



ଦିନେ ସ୍ତ୍ରୀର କଥା ସହି ପାରିଲାନି । ରାତିରେ ବଣକୁ ଗଲା । ପକ୍ଷୀ ଖୋଜିବାକୁ ଲାଗିଲା । ସିଏ ଭାଗ୍ୟକୁ ନିନ୍ଦା କଲା ଓ ଜୋର୍‌ରେ କାନ୍ଦିବାକୁ ଲାଗିଲା । ଦେବତାଙ୍କର ଜଣେ ଯାଦୁଗର ଥିଲେ । ତାଙ୍କର ନାଆଁ କୁନୁଗୁରୁ ଥିଲା । ସେ ଯାଦୁଗର ହିସାବରେ ପ୍ରସିଦ୍ଧ ଥିଲେ । ସେ ପିଲାଟିର କାନ୍ଦଣା ଶୁଣିଲେ । ତା ପାଖକୁ ଆସି ପଚାରିଲେ, "କହ ତୋର ଦୁଃଖ କ'ଣ ? ତୁ ଏମିତି କାନ୍ଦୁଛୁ କାହିଁକି ?" ପିଲାଟି ସବୁକଥା କହିଲା । ସେ ସବୁକଥା ଶୁଣି କହିଲେ, "ବ୍ୟସ୍ତ ହୁଅନି । ମୁଁ ଏହାର ପ୍ରତିକାର କଥା କହିଦେବି ?"

ଯାଦୁବିତା ମୁଁଡ଼ଲେ ଗୋଟକ୍ ବାଲ ଆଏନ୍‌ଲା । ଗାଗଡ୍‌ଲେ ଇତିକ୍ ମଇଲ ହିଟାବେଲା । ଦୁଇଠାନ୍ କେ ପିପଲ୍ ପାନ୍‌ଏଁ ଗୁଡ଼ି ଆଉନ୍ ଦେଲା । ହୁନାକେ ଆଏଗ୍‌ଏଁ ଲେସୁନ ଦେଲା । ହୁନ ଲାଖ୍‌ଡିକେ ବାବୁପିଲାକେ ଦେଲା । କହଏ ଲୋ – "ୟୋ ଗୁଣ୍‌କେ ନେହୁନ୍ ତୁମଟୋ ଲେକ୍ୟା ଟୋ ଖାତାକିନିଷେଁ ପୋକାଉନ୍ ଦେତିସ୍ । ଯିସ୍ ଏକି ହୁନ୍ ୟାହାକେ ଦେଖୋନାହିଁ ।" ବାବୁ ହୁନମାନ୍‌ଟୋ ଗୋଏଟ୍ କେ ଶୁନୁନ୍ ଘରକେ ଏଲୋ । ହୁନ୍‌ମାନ୍ ଟୋ ଗୋଠୟାତୋ ହିସାବେଁ ଖାତୋ ବାଟାଁଏ ହୁନାକେ ମିଶାଉନ ଦେଲା । ଏଦାଁଏ ହୁନାଟୋ ଘରନିସ୍ ହୁନାକେ ବନକ୍ ଗୋଏଠ୍ ଗୋଠିୟାଏଲି । ବାବୁ ଗୁରୁ ନେଁଘ ଏଲୋ ଆଉ ଚେଲା ବଏନଲୋ ।



ଯାଦୁଗର ମୁଣ୍ଡରୁ ଗୋଟିଏ ବାଳ ଆଣିଲେ । ଦେହରୁ କିଛି ମଳି ବାହାର କଲେ । ଦୁଇଟି ପିପଳି ପତ୍ରରେ ତାକୁ ଗୁଡେଇଲା । ତାକୁ ନିଆଁରେ ପୋଡିଲା । ସେ ପାଉଁଶକୁ ପିଲାଟିକୁ ଦେଲା । କହିଲା – "ଏହି ଗୁଣ୍ଡ ନେଇ ତୁମ ସ୍ତ୍ରୀର ଖାଇବାରେ ପକାଇ ଦିଅ । ଯେମିତି ସେ ଏହା ନ ଦେଖେ ।" ପିଲାଟି ତାଙ୍କ କଥା ଶୁଣି ଘରକୁ ଆସିଲା । ତାଙ୍କ କହିବା ଅନୁସାରେ ଖାଇବା ଜିନିଷରେ ତାକୁ ମିଶାଇ ଦେଲା । ଏଥର ତା ସ୍ତ୍ରୀ ତାକୁ ଭଲ କଥା କହିଲା । ପିଲାଟି ଗୁରୁଙ୍କ ପାଖକୁ ଆସିଲା । ତାଙ୍କର ଶିଷ୍ୟ ହେଲା ।


# ବଣ୍ଡା ବଏନ୍‌ଲୋ କହିନ୍ (ବଣ୍ଡା କିପରି ହେଲେ)

ଖେପକ୍ ଗୋଟକ୍ ବାଗ୍ ବଣ୍ଡା ଡୋଙ୍ଗର ତୋ ଜମାଏଁ ଲୋଗ୍‌କେ ଖାହୁନ୍ ଦେଲୋ । ଗୋଟ୍‌କଏ ବାବୁପିଲା ରହଏଲୋ । ହୁନ୍ ଯୌଁତ୍‌ତୋ କ୍ଷେତ୍‌କେ ସାଫ୍ କରୁଁକେ ଗଲୋ । ହୁନ୍‌ଲେଙ୍ଗେ ଗୋଟକ୍ ଖୁଟା ଗାଏଡ୍‌ଲୋ । ହୁନଏ ଡୋରି ବାଏନ୍ଧ୍‌ଲୋ । ହୁନ୍ ଆଗିଲ୍ ବାହୁଁକ୍ ଗୋଟକ୍ ଖାଚ୍ ଖଏନ୍‌ଲୋ । ହୁନ୍ ହୁଥାଏଁ ଲୁଇକ୍ ଲୋ ଆଉ (କରମାର) ଥାପ୍‌ଡ଼ି ମାଏର୍‌ଲୋ । ବାଗ୍ ହୁନା କେ ଶୁଇନ୍‌ଲୋ; ବିଚାଏର୍‌ଲୋ ହୁନ୍‌ଲେଙ୍ଗ୍ - କୋନଏ ଲୁକୁନ୍ ଆହଏ; ହୁନ ଡୋରି କେ (ଦେଖାଁ ଦେଖାଁ) ଦେଖତ୍ ଦେଖତ୍ ହୁନ୍‌ଲେଙ୍ଗକେ ଗଲୋ ।



ଥରେ ଗୋଟିଏ ବାଘ ବଣ୍ଡା ପାହାଡ଼ର ସବୁ ଲୋକଙ୍କୁ ଖାଇଦେଲା । କେବଳ ଗୋଟିଏ ପିଲା ରହିଗଲା । ସେ ଚାଷ ଜମି ପରିଷ୍କାର କରିବାକୁ ଜମିକୁ ଗଲା । ସେଠାରେ ଗୋଟିଏ ଖୁଣ୍ଟ ପୋତିଲା । ସେଥିରେ ଦଉଡ଼ି ବାନ୍ଧିଲା । ସେ ଆଗରେ ଗୋଟିଏ ଗାତ ଖୋଳିଲା । ସେ ସେଠାରେ ଲୁଚିଲା ଓ କରପାରି ଶବ୍ଦ କଲା । ବାଘଟି ସେ ଶବ୍ଦ ଶୁଣିଲା, ଭାବିଲା ସେଠି କିଏ ଲୁଚିଛି, ସେ ଦଉଡ଼ିକୁ ଦେଖି ଦେଖି ସେଠାକୁ ଗଲା,

ବାବୁ ପିଲାକେ ଭିତର୍‌ଲେ ଆଏନ୍‌ଲୋ ଆଉ ପଚାଏର୍‌ଲୋ, "ଏଥାଏଁ କାଏଁ ସେତି ଲୁକୁନ୍ ଆଛଏସ୍ ? ବାବୁ ପିଲା ବଏଲ୍‌ଲୋ, ମୁଁ ତୁମ୍‌କେ ଡର୍‌ତାଛଏଁ ।" ବାରା ଆଉର୍ ବଏଲଲୋ, "ମୁଇଁ ତୁକେଁ ଖାତିଁ" ବାବୁପିଲା ଯୋ ଗୋଏଟ୍ ସୁନୁନ୍ ବଏଲଲୋ, "ବନକ୍ ହୁଁନ୍ ତୁମହି ମୋକେ ଖାହା । ବାଗ୍ ଏକ ଘଡିକ୍ ଟୋ ପାଛେଁ ବଏଲଲୋ, ମୁଇଁ ରାଏନ୍ଧଲୋ ଖାଏଦୋ ଖାଁତି । ଯା ମାଚ୍ ସେତି ରାଏନ୍ଧଲୋ ଖାଏଦୋ ଖୋଜୁନ୍ ଆନ୍" ? ବାବୁ ପିଲା, ଗୋଟକ୍ ଲୋଗ୍ ଟୋ ଘରକେ ଗଲୋ । ହୁଥାଏଁ ଆଏଗ୍ ନାହିଁ ଧରତ୍ ରହଏ ହାରାକେ ଦେଖ୍‌ଲୋ ।



ପିଲାଟିକୁ ଭିତରୁ ଆଣିଲା, ପଚାରିଲା, "ଏଇଠି କାହିଁକି ଲୁଚିଛୁ ? ପିଲାଟି କହିଲା, "ମୁଁ ତୁମକୁ ଭୟ କରି ଲୁଚିଛି ?" ବାଘଟି ପୁଣି କହିଲା, "ମୁଁ ତୁମକୁ ଖାଇବି," ପିଲାଟି ଏ କଥା ଶୁଣି କହିଲା, "ଠିକ୍ ଅଛି ତୁମେ ମୋତେ ଖାଅ ।"ବାଘଟି କିଛି ସମୟ ପରେ କହିଲା, "ମୁଁ ରନ୍ଧା ଖାଦ୍ୟ ଖାଇବି । ଯାଅ ମୋ ପାଇଁ ରନ୍ଧା ହୋଇଥିବା ଖାଦ୍ୟ ଖୋଜିଆଣ ?" ପିଲାଟି ଜଣେ ଲୋକ ଘରକୁ ଗଲା । ଦେଖିଲା ସେଠାରେ ନିଆଁ ଜଳୁନାହିଁ ।

**ବାବୁ ପିଲା ହାର୍ ରାନ୍ଧା ହେ ହେତ୍ ରହଏ ଚୋ ଓ ଓ୍ୱାକ୍ ଶବଦ୍ ଶୁନୁକେ ଲାହାଏକଲୋ । ହୁନ୍ ବାଗ୍‌ଲେଙ୍ଗେ ଏହୁନ୍ ଜମାଏ ଗୋଏଟ୍ ଗୋଠ୍ୟାଏଲୋ । ବାଗ ହୁନାକେ ହୁଥିଁ ଠାଡ୍ ଉଠୁଁକେ ବଲୁନ୍ ହୁନ ଘର୍‌କେ ଗଲୋ । ହୁନ୍ ଘରେଁ ଜନାଏକ୍ ଲେକ୍‌ପିଲି ରହଏଲି । ବାଗ୍ ହୁନିକେ ଘିଚୁନ୍ ଆନୁନ୍ ଖାଏଲୋ । ଫିରୁନ୍ ଏହୁନ୍ ବାବୁ ପିଲାକେ ହୁନ୍ ଘର୍‌କେ ଦେଖୁନ୍ ଏଉଁକେ ବଏଲୋ । ବାବୁପିଲା ଦେଖ୍‌ଲୋ ହୁନ୍ ଘରେଁ କୋନଏ ନିହାଏତ୍ । ହୁନ୍ ବାଗ୍‌ଲେଙ୍ଗେ ଫିରୁନ୍ ଏଲୋ । ବାଗ୍ କହଏଲୋ - ମୁଁଇ ଆଏଜ୍ ତୁକେଁ ଛାଡୁନ୍ ଦେନିଁ । ତୁଇଁ ଜନାଏକ୍ ବଣ୍ଡା ହେଲିସ୍ । ହୁନ ବାବୁ ପିଲା ଲେଙ୍ଗ୍‌ଲେ ବୋଣ୍ଡା ଜାଏତ୍ ଉତ୍‌ପତି ହେଲୋ ।**



କିନ୍ତୁ ପିଲାଟି ରନ୍ଧା ହେବାର ଶବ୍ଦ ଶୁଣିବାକୁ ପାଇଲା । ସେ ବାଘ ପାଖକୁ ଆସି ସବୁ କଥା କହିଲା, ବାଘଟି ତାକୁ ଛିଡା କରାଇ ସେ ଘରକୁ ଗଲା । ସେ ଘରେ ସ୍ତ୍ରୀ ଲୋକଟିଏ ଥିଲା । ବାଘ ତାକୁ ଟାଣି ଆଣି ଖାଇଲା । ଫେରିଆସି ପିଲାଟିକୁ ସେ ଘର ଦେଖି ଆସିବାକୁ କହିଲା । ପିଲାଟି ଦେଖିଲା ସେ ଘରେ କେହି ନାହିଁ । ସେ ବାଘ ପାଖକୁ ଫେରି ଆସିଲା । ବାଘ କହିଲା - ମୁଁ ଆଜି ତୋତେ ଛାଡିଦେଲି । ତୁ ଏକୁଟିଆ ବଣ୍ଡା ହେଲୁ । ସେହି ପିଲାଠାରୁ ବଣ୍ଡାଜାତି ଉତ୍ପନ୍ନ ହେଲା ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର